ସ୍ୱତନ୍ତ୍ର ଜମି ଅଧିଗ୍ରହଣ କାର୍ଯ୍ୟାଳୟ,

ଶ୍ରୀରଙ୍ଗପଟ୍ଟନମ

ବନାମ

ନାଗେଗୋୱା

ଅଗଷ୍ଟ 23,1996

[କେ.ରାମସ୍ୱାମୀ ଏବଂ ଜି.ବି.ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894: ଧାରା 4(1), 23(1-A),23(2),28 ଏବଂ 54 ।*

*ଜମି ଅଧିଗ୍ରହଣ - କ୍ଷତିପୂରଣ - ନିର୍ଦ୍ଧାରଣ ପାଇଁ ନୀତି - ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣ ଏକର ପ୍ରତି @ ଟ.4800 – ବିଚାରାର୍ଥେ ପ୍ରେରଣରେ ଦେୱାନୀ ବିଚାରପତି କ୍ଷତିପୂରଣକୁ ଏକର ପିଛା ଟ.20,000 କୁ ବୃଦ୍ଧି କଲେ - ଅନ୍ୟ ଏକ ମାମଲାରେ ଅଧିନିର୍ଣ୍ଣୟ ଉପରେ ବିଚାରାର୍ଥେ ପ୍ରେରଣ ନ୍ୟାୟାଳୟଙ୍କ ଦ୍ୱାରା ଆଦେଶ ଉପରେ ଭରସା - ଅନ୍ୟ ମାମଲା ନଡ଼ିଆ ଗଛ ଥିବା ଜମି ସହିତ ଜଡ଼ିତ - ଏପରିକି ଅନ୍ୟ ମାମଲାରେ ଦିଆଯାଇଥିବା ରାଶି ଅପିଲର ବିଷୟ ଥିଲା- ଦର୍ଶାଯାଇଛି ଏହି ପରିସ୍ଥିତିରେ ଅଧିନିର୍ଣ୍ଣୟ ଉପରେ ନିର୍ଭର କରାଯାଇଥିଲା, ତାହା କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ଅପ୍ରାସଙ୍ଗିକ ଥିଲା- ଜମି ମାଲିକ ଏକର ପିଛା ଟ.10,000 କ୍ଷତିପୂରଣ ପାଇବାକୁ ହକଦାର ବୋଲି ଦର୍ଶାଯାଇଛି `1- ଏହା ସହିତ କ୍ଷତିପୂରଣ, ସୁଧ ଏବଂ ଅତିରିକ୍ତ ରାଶି ପାଇବାକୁ ହକଦାର ଅଟନ୍ତି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 11369/1996

ଏମ୍.ଏଫ୍.ଏ. ସଂଖ୍ୟା 1311/1994ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ 18.8.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ କେ.ଆର୍.ନାଗରାଜ

ଉତ୍ତରଦାତାଙ୍କ ପାଇଁ ଶାନ୍ତା କେ. ଆର୍.ଏବଂ କେ. କେ. ଗୁପ୍ତା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଯାଇଛି ।

ଆମେ ଉଭୟ ପକ୍ଷର ବିଜ୍ଞ ପରାମର୍ଶ ଦାତାଙ୍କୁ ଶୁଣିଛୁ ।

ହେମାବତୀ ବାମ କୂଳ କେନାଲ ଗଠନ ପାଇଁ 5 ଏକର 21 ଗୁଣ୍ଠ ପରିମିତ ଜମି ଅଧିଗ୍ରହଣ ପାଇଁ ଭୂମି ଅଧିଗ୍ରହଣ ଆଇନ, 1894ର ଧାରା 4(1) ଅନୁଯାୟୀ ବିଜ୍ଞପ୍ତି ଡିସେମ୍ବର 26, 1985ରେ ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ 23 ଫେବୃଆରୀ,1988ରେ ଏକର

ପିଛା 4,800 କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରାର୍ଥେ ପ୍ରେରଣରେ, ଦେୱାନୀ ବିଚାରପତି ଇଏକ୍ସ ପି-3 ଉପରେ ଭରସା କରି,ଏକର ପିଛା 20,000 ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ସେ ଦାବିଦାରଙ୍କ ଏହି ଯୁକ୍ତିକୁ ସ୍ୱଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ସେ ଆଖୁ, ଶଙ୍କର ଜାତୀୟ ଜୱାର ଏବଂ ମଲବେରୀ ଚାଷ କରୁଛନ୍ତି ଏବଂ ଏକର ପ୍ରତି ଟ.25,000 ପୂର୍ଣ୍ଣ ଅମଳ ପାଉଛନ୍ତି । ଅପିଲ ଉପରେ, ଉଚ୍ଚନ୍ୟାୟାଳୟ ଅଗଷ୍ଟ 18,1994 ତାରିଖରେ ଆକ୍ଷେପିତ ରାୟ ଦ୍ୱାରା ଏଫ୍.ଏ. ସଂଖ୍ୟା 1311/94ରେ ଏହାକୁ ନିଶ୍ଚିତ କରିଥିଲେ । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ।

ଏହି ମାମଲାରେ ତଥ୍ୟ ଏବଂ ପରିସ୍ଥିତିକୁ ବିଚାର କରିବା ପରେ, ଆମେ ଭାବୁଛୁ ଯେ, ଯୁକ୍ତିଯୁକ୍ତ କ୍ଷତିପୂରଣ ଏକର ପ୍ରତି ଟ. 10,000 ହେବ । ଇଏକ୍ସ ଏ-3 ବିଷୟରେ ଥିବା ରାୟ ଆମ ସମ୍ମୁଖରେ ରଖାଯାଇଛି ଏବଂ ଏହା ସୂଚିତ କରେ ଯେ, ଏହା ନଡ଼ିଆ ଗଛ ଥିବା ଜମି ସହିତ ଜଡ଼ିତ । ସେହି ମାମଲାରେ ଦୌରା ବିଚାରପତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାଶି ମଧ୍ୟ ଏବେ ଆଇନର ଧାରା 54 ଅନୁଯାୟୀ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ଦାୟର ହୋଇଥିବା ଅପିଲରେ ବିଷୟବସ୍ତୁ । ଏହି ପରିସ୍ଥିତିରେ, କ୍ଷତିପୂରଣ ନିର୍ଣ୍ଣୟ ପାଇଁ ଇଏକ୍ସ A- 3 ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ଅଟେ । ତଦନୁସାରେ, ଉତ୍ତରଦାତା ଧାରା 23(2) ଅନୁଯାୟୀ 30% କ୍ଷତିପୂରଣ ସହିତ ପ୍ରତି ଏକର ପିଛା 10,000 ଟଙ୍କା ବୃଦ୍ଧି କ୍ଷତିପୂରଣ, ଧାରା 28 ଅନୁଯାୟୀ ଦାଖଲ ନେବାର ଏକ ବର୍ଷ ପାଇଁ 9% ସୁଧ ଏବଂ ନ୍ୟାୟାଳୟରେ ଜମା ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କ୍ଷତିପୂରଣ ଉପରେ 15% ସୁଧ ଏବଂ ଧାରା 23(1-A) ଅନୁଯାୟୀ ଧାରା 4(1) ଅଧିସୂଚନା ଜାରି ତାରିଖରୁ ଅଧିନିର୍ଣ୍ଣୟ ତାରିଖ ପର୍ଯ୍ୟନ୍ତ ବାର୍ଷିକ 13% ସୁଧରେ ଅତିରିକ୍ତ ରାଶି ପାଇବାକୁ ହକଦାର ଅଟନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟିଏନ୍ଏ　　　　　　　　　　　　　　　　　　　　　　　　　　　　ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା :ଶୁଭଶ୍ରୀ ମିଶ୍ର**

**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**